# ତହସିଲଦାରଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା

## (ଲଘୁଖଣିଜ ଉତ୍ସ ର ଦୀର୍ଘମିଆଦି ଲିଜ଼ ନିମନ୍ତେ ଇସ୍ତାହାର)

ବିଜ୍ଞପ୍ତି ସଂଖ୍ୟା: 3652 ତାରିଖ: 08.09.2022

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ଲଘୁଖଣିଜ ଖାଦାନର ଆସନ୍ତା 5 ବର୍ଷ ନିମନ୍ତେ ଲିଜପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର, ଝାରସୁଗୁଡ଼ା ଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule 2016 ର Form-M ପୂରଣ କରି ତିନି କପି ଆବଶ୍ୟକୀୟ କାଗଜାତ ସଂଲଗ୍ନ କରି Sealed Cover ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ଆବେଦନ କରିବେ, ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯାଳୟ ରେ ତା **26.09.2022** ରିଖ **ପୂର୍ବାହ୍ନ 11.00** ସୁଦ୍ଧା ତହସିଲ କାର୍ଯାଳୟ ରେ ଥିବା Drop Box ରେ ପକାଇବା ପାଇଁ ଧାର୍ଯ୍ୟ କରାଯାଇଛି । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । Tender Box ତା **26.09.2022** ରିଖ **ପୂର୍ବାହ୍ନ 11.00** ଘଟିକା ସମୟରେ ତହସିଲ କାର୍ଯାଳୟ ରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲା ଯାଇ ଲିଜ ଚୂଡ଼ାନ୍ତ କରାଯିବ ଏବଂ ଅସମ୍ପୁର୍ଣ୍ଣ ଦରଖାସ୍ତ ଗୁଡ଼ିକ ବାତିଲ କରାଯିବ । ଯେଉଁ ଉତ୍ସ ଗୁଡ଼ିକ ପାଇଁ ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ଗ୍ରହଣ ହୋଇନଥିବ କିମ୍ବା ଲିଜ ଚୂଡ଼ାନ୍ତ ହୋଇ ନଥିବ ସେହି ଉତ୍ସ ଗୁଡ଼ିକ ପାଇଁ ଦ୍ୱିତୀୟ ଓ ତୃତୀୟ ଥର ପାଇଁ ଯଥାକ୍ରମେ ତା **28.09.2022 ଓ ତା. 30.09.2022 ପୂର୍ବାହ୍ନ 11.00** ସୁଦ୍ଧା ତହସିଲ କାର୍ଯାଳୟ ରେ ଥିବା Drop Box ରେ ପକାଇବା ପାଇଁ ଧାର୍ଯ୍ୟ କରାଯାଇଛି, **ଉକ୍ତ** ଦିନ ପୂର୍ବାହ୍ନ 11.30 ଘଟିକା ସମୟରେ ପୂର୍ବ ମତେ ଖୋଲାଯିବ । ଏହାର ସବିଶେଷ ବିବରଣୀ ଜିଲ୍ଲା website "http//www.jharsuguda.nic.in" ଏବଂ ତହସିଲ କାର୍ଯ୍ୟାଳୟ ରୁ ପାଇପାରିବେ ।

ତହସିଲଦାର, ଝାରସୁଗୁଡ଼ା
Tahasildar
Jharsuguda

<u>ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ</u>

୧ .ଦରଖାସ୍ତ ଶୁଳ୍କ ସକାଶେ ଟ 1000.00( ଏକ ହଜାର ଟଙ୍କା ) ମାତ୍ର ର ଟ୍ରେଜେରୀ ଚାଲାଣ (Head of Account 0853-Non-Ferrous Mining and Metallurgical Industries-102-Mineral Concession Fees, Rents and Royalties)।

୨. ସୈରାତ ଉତ୍ସ ବାବଦୀୟ କୌଣସି ଅର୍ଥ ପୈଠ କରିବାକୁ ନଥିବା ସମ୍ବନ୍ଧୀୟ ସତ୍ୟପାଠ (Affidavit) ।

**୩. ଗତ ବର୍ଷର IT Returns ରେ ଉଲ୍ଲେଖ ଥିବା ବାର୍ଷିକ ଆୟ କିମ୍ବା ଅନ୍ୟୁନ ୧୮ ମାସ ପର୍ଯ୍ୟନ୍ତ କାଏମ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୂଲ୍ୟ [Minimurn Guaranteed Quantity X (Royalty + Additional Charges Quoted)] ଠାରୁ ଅଧିକ ହୋଇଥିବା ଆବଶ୍ୟକ।**

୪ Earnest Money ପାଇଁ Demand Draft (in favour of Tahasildar, Jharsuguda) ଯାହାର ମୂଲ୍ୟ ଅତିରିକ୍ତ ଚାର୍ଜ )Addl. Charge) ଏବଂ Royalty (ଏକ ବର୍ଷ) ର ୫ ଠାରୁ କମ୍ ହୋଇନଥିବ %। [EMD = 5% of {Minimum Guaranteed Quantity X (Royalty + Additional Charges)}]

# ସର୍ତ୍ତାବଳୀ

୧ .ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ୍ –OMMC Rules-2016 ର ପରିସର ଭୁକ୍ତ ରହିବେ ।

୨ .ଲିଜ୍ ରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତି ବିଶେଷ ଉତ୍ସଗୁଡ଼ିକୁ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧାଗଚ୍ଛିତ ଥିବା , ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ ।ଲିଜଧାରୀ ରାସ୍ତାଘାଟ ଏବଂ ଗମନାଗମନ ସୁବିଧା ପାଇଁ ନିଜେ ଦାୟୀ ରହିବେ । ଲିଜ୍ ନେବା ପରେ ସୈରାତ ଚଲାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୩ ଲିଜ୍ ସୂତ୍ରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ,ଧାର୍ଯ୍ୟ ରୟାଲଟି ଓ ଅତିରିକ୍ତ ଦେୟର )Additional Charge) ମୂଲ୍ୟଠାରୁ କମ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଅନ୍ୟୂନ ରୟାଲଟି ହାର

1Cum ପ୍ରତି ବାଲି ଟ. 35.00 ଏବଂ 1 Cum ବାଲି ପ୍ରତି ଅତିରିକ୍ତ ଦେୟ (Additional Charge) **ଟ . 315.00** ।
1Cum ପ୍ରତି ମୁରୁମ ଟ. 35.00 ଏବଂ 1 Cum ମୁରୁମ ପ୍ରତି ଅତିରିକ୍ତ ଦେୟ (Additional Charge) **ଟ . 10.00** ।
1Cum ପ୍ରତି ପଥର ଟ. 130.00 ଏବଂ 1 Cum ପଥର ପ୍ରତି ଅତିରିକ୍ତ ଦେୟ (Additional Charge) **ଟ . 263.00** ।

୪. ପ୍ରଚଳିତ ନିୟମ ଅନୁଯାୟୀ ଅତିରିକ୍ତ ଦେୟ (**Additional Charges**) ର ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜ୍ ଧାରୀଙ୍କୁ ଚୟନ କରାଯିବ ।

୫ .ଯଦି ସର୍ବାଧିକ ରୟାଲଟି ଦର୍ଶାଇଥିବା ବ୍ୟକ୍ତି ସର୍ତ୍ତାବଳୀରେ ଖିଲାପ କରନ୍ତି ତେବେ ତାଙ୍କ ପରବର୍ତ୍ତୀ ସର୍ବାଧିକ ରୟାଲଟି ଦର୍ଶାଇଥିବା ବ୍ୟକ୍ତିଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

୬. ଲିଜ୍ ନିମନ୍ତେ ଯୋଗ୍ୟ ଦରଖାସ୍ତକାରୀ ସୈରାତ ଉତ୍ସର ବାର୍ଷିକ ଦେୟ [Minimum Guaranteed Quantity X (Royalty + Additional Charge)] + Amount of contribution payable to DMF ର ଏକ ଚତୁର୍ଥାଂଶ ରାଶି ଲିଜ ଚୁଡାନ୍ତ ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ପାଖରେ ଦାଖଲ କରିବେ, ଯାହାକି ସୁଧ ବିହିନ ଅମାନତ ରାଶି (Security) ହିସାବରେ ରଖାଯିବ ।

୭. ବିବେଚିତ ନିଲାମ ଡକାଳି **୦୩** ମାସ ସମୟସୀମା ମଧ୍ୟରେ Mining Plan Form-O ଓ Environment Clearance ଦାଖଲ କରିବେ ଏବଂ ଚୁକ୍ତି ସ୍ୱାକ୍ଷର କରିବେ ।

୮. Mining Plan ଟି Form-O ରେ ଅନୁମୋଦିତ ହେବା ଆବଶ୍ୟକ ଓ Environment Clearance ଭାରତ ସରକାରଙ୍କ ଅଧିସୂଚନା ସଂଖ୍ୟା 1533 ତା 14.09.2006 ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ ଅନୁମୋଦିତ ହେବା ବିଧେୟ ।

୯. Environment Clearance ମଂଜୁରୀ ପରେ ଲିଜ୍ ଧାରୀ ଏକ ବର୍ଷ ପାଇଁ Royalty, Surface Rent, Royalty ର ୫% EMF, Royalty ର ୧୦% District Mineral Foundation (DMF) ଏବଂ Royalty ର ୨% TDS ବାବଦକୁ ରାଶି ପୈଠ କରିବେ । ସଂପୂର୍ଣ୍ଣ ରାଶି ପୈଠ ହେଲା ପରେ ଲିଜ୍ ଧାରୀ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୯୯୯ ଅନୁଯାୟୀ ଚୁକ୍ତି ପତ୍ର ସଂପାଦନ କରିବେ ।

୧୦ .ଦରଖାସ୍ତକାରୀ Mines Act 1952 ଓ Explosive Act 1884 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

୧୧ .ଲିଜ୍ ଧାରୀ ସୈରାତ ଉତ୍ସ ର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ଏକ ଡିସପ୍ଲେ ବୋର୍ଡ ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ଲିଜ୍ ଧାରୀ ନିଜ ଖର୍ଚ୍ଚରେ କରିବେ ।

Tahasildar
Jharsuguda

୧୨ .ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ଲିଜ୍ ଧାରୀ ମାନେ ଆନୁପାତିକ ଭାବେ ବହନ କରିବେ ।

୧୩. Reserve Assessment Report, Mining Plan ଏବଂ Environmental Clearance ବାବଦକୁ ଖର୍ଚ୍ଚ ଲିଜଧାରୀ ନିଜେ ବହନ କରିବେ ।

୧୪ ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ .। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜ୍ ଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉଠାଇ ପାରିବେ ନାହିଁ ।

୧୫ ଲିଜ୍ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟ ରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ .ଦିବସରେ ଦେଖିପାରିବେ। ଏହା ବ୍ୟତିତ ଇସ୍ତାହାରର ସମସ୍ତ ବିବରଣୀ ଜିଲ୍ଲା ୱେବ୍ ସାଇଟ www.jharsuguda.nic.in ରେ ମଧ୍ୟ ଦେଖିପାରିବେ ।

୧୬. ଯଦି ଇସ୍ତାହାରରେ କୌଣସି ତୃଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି।

୧ ୭ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ୍ କାର୍ଯ୍ୟ ବାତିଲ ବା ସ୍ଥଗିତ କରି ପାରିବେ .।

୧୮ .ନିଲାମଧାରୀମାନେ OMMC Rules-2016 ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ ହେବେ ।

୧୯. ଯେକୌଣସି ମୁହୁର୍ତ୍ତରେ ଯଦି ନିୟମରେ କିଛି ପରିବର୍ତ୍ତନ ଘଟେ ତେବେ, ଲିଜଧାରୀ ନିୟମକୁ ମାନିବାକୁ ବାଧହେବେ ।

## ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଖାଦାନର ବିବରଣୀ

| କ୍ର. ନଂ. | ସଇରାତ ମୋକଦ୍ଦମା ନଂ. | ସଇରାତ ଉତ୍ସର ନାମ | ମୌଜାର ନାମ | ଅତିରିକ୍ତ ଦେୟ ପ୍ରତି ଘନ ମିଟର | ସର୍ବନିମ୍ନ ନିଶ୍ଚିତ ପରିମାଣ (ଘନ ମି. ) | ଅଗ୍ରିମ ସୁରକ୍ଷା ଜମା ଟଙ୍କା (EMD) |
|---|---|---|---|---|---|---|
| 1 | 01/2021 | ରାଜପୁର ବାଲି ଶଯ୍ୟା 'ଖ' | ରାଜପୁର | ଟ 315.00 | 2500 | 48,125.00 |
| 2 | 02/2021 | କାଟୀକେଲା ବାଲିଶଯ୍ୟା 'କ' | କାଟୀକେଲା | ଟ 315.00 | 8000 | 1,54,000.00 |
| 3 | 05/2021 | ଯମେରା ବାଲିଶଯ୍ୟା 'ଗ' | ଯମେରା | ଟ 315.00 | 20000 | 3,85,000.00 |
| 4 | 13/2021 | କନ୍ଦାକୁଡ଼ା ପଥର ଖାଦାନ 'ଖ' | କନ୍ଦାକୁଡ଼ା | ଟ 263.00 | 4500 | 97,268.00 |
| 5 | 17/2021 | ଚରଭାଟି ବାଲିଶଯ୍ୟା 'କ' | ଚରଭାଟି | ଟ 315.00 | 3000 | 57,750.00 |

ଜ୍ଞାପକ ସଂଖ୍ୟା: 3653 ତା: 08.07.2022

ଏହାର ଏକକିତା ନକଲ ଜିଲ୍ଲାପାଳ, ଝାରସୁଗୁଡ଼ା/ଉପ- ଜିଲ୍ଲାପାଳ, ଝାରସୁଗୁଡ଼ା / ଝାରସୁଗୁଡ଼ା ଜିଲ୍ଲାର ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ କାର୍ଯାଳୟ / ଝାରସୁଗୁଡ଼ା ର ସମସ୍ତ ତହସିଲ କାର୍ଯାଳୟ / ଝାରସୁଗୁଡ଼ା ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଏବଂ ରାଜସ୍ୱ ନିରକ୍ଷକଙ୍କ କାର୍ଯ୍ୟାଳୟ ତାଙ୍କର ସୁଚନା ଫଳକରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା

ଏହାର ଏକକିତା ନକଲ ଜିଲ୍ଲା ସୁଚନା ଅଧିକାରୀ ଝାରସୁଗୁଡ଼ା ଜିଲ୍ଲା ୱେବ ସାଇଟରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଝାରସୁଗୁଡ଼ା

Tahasildar
Jharsuguda